# ଫେରାଇଲେ ୬୨ହଜାର ଟଙ୍କା ଓ କାଗଜପତ୍ର

ରାୟଗଡ଼ା,୩୦/୩(ଇମିସ): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ଜରୁରୀକାଳୀନ ସେବା ଯୋଗାଇ ପ୍ରଶଂସା ସାଉଁଟିଥିବା ୧୦୮ ଆମ୍ବୁଲାନସ୍ କର୍ମଚାରୀ ପୁଣି ଏକ ଭଲ କାମ କରି ଚର୍ଚ୍ଚାକୁ ଆସିଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ହଜିଥିବା ୬୨ ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଫେରାଇ ବଦାନ୍ୟତାର ପରିଚୟ ଦେଇଛନ୍ତି। ଜେକେପୁର ଡାକ୍ତରଖାନାର ୧୦୮ ଆମ୍ବୁଲାନସ୍ କର୍ମଚାରୀଙ୍କ ଏପରି ଉଦ୍ୟମକୁ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ହଜିଥିବା ୬୨ ହଜାର ଟଙ୍କା ଓ ଆବଶ୍ୟକ କାଗଜପତ୍ର ପାଇବା ପରେ ବିଷମକଟକ ବ୍ଲକ୍ ହଜାରିଡ଼ାଙ୍ଗ ପଞ୍ଚାୟତ କାକରମାଷ୍କା ଗ୍ରାମର ଡମ୍ବରୁ କୁଟ୍ରୁକା ଖୁସି ପ୍ରକାଶ କରିବା ସହିତ ଆମ୍ବୁଲାନସ୍ କର୍ମଚାରୀଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

ଶନିବାର ବିଳମ୍ବିତ ରାତିରେ କାକରମାଷ୍କା ଗ୍ରାମର ଡମ୍ବରୁ କୁଟ୍ରୁକା ବିଷମକଟକ ଥାନାର ଭାତପୁର ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ରାତିରେ ଡମ୍ବରୁ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ କୌଣସି ଅଜଣା ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ଅଜଣା ଗାଡ଼ି ଧକ୍କାରେ ଡମ୍ବରୁ ରାସ୍ତା ତଳକୁ ଛିଟିକି ପଡ଼ିବା ସହ ଚେତା ହରାଇଥିଲେ।

ରାତି ସାଢ଼େ ଗୋଟାଏରେ ଆମ୍ବୁଲାନସ୍ କର୍ମଚାରୀ ଫୋନ୍ କଲ୍ ପାଇବା ପରେ ଉଦ୍ଧାର ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜେକେପୁର ୧୦୮ ଆମ୍ବୁଲାନସ୍ ଟିମ୍‌ର ଫାର୍ମାସିଷ୍ଟ ଗିରି ଗୋବର୍ଦ୍ଧନ ସାହୁକାର, ଡ୍ରାଇଭର ସନ୍ତୋଷ କୁମାର ରୁଗୁଡ଼ା, ଏସ୍.କେ ସାହିଦ୍ ଅଲ୍ଲୀ ପ୍ରମୁଖ




ଗୁରୁତର ଅବସ୍ଥାରେ ପଡ଼ିଥିବା ଡମ୍ବରୁଙ୍କୁ ଉଦ୍ଧାର କରିବା ସହିତ ଘଟଣାସ୍ଥଳରୁ ୪୨ହଜାର ଟଙ୍କା, ବ୍ୟାଗ ଓ ଅନ୍ୟାନ୍ୟ କାଗଜପତ୍ର ପାଇଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ

ପରେ ବ୍ୟାଗରୁ ଆଉ ୨୦ହଜାର ଟଙ୍କା ସହ ଏଟିଏମ୍ କାର୍ଡ, ଆଧାର କାର୍ଡ, ପାନ କାର୍ଡ, ଇଲେକ୍ଟ୍ରି ବିଲ୍, ବ୍ୟାଙ୍କ ପାସ୍ ବୁକ୍ ଭଳି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବାହାରିଥିଲା। ଟଙ୍କା ଓ କାଗଜପତ୍ର ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କର ବୋଲି ସ୍ପଷ୍ଟ ହେବା ପରେ ସକାଳେ ଡାକ୍ତରଖାନାରେ ପହଞ୍ଚି ୧୦୮ ମ୍ୟାନେଜର ଶ୍ରୀ ସେନାପତିଙ୍କ ଉପସ୍ଥିତିରେ ଫାର୍ମାସିଷ୍ଟ ଶ୍ରୀ ସାହୁକାର, ଡ୍ରାଇଭର ସନ୍ତୋଷ ଓ ସାହିଦ୍ ଆହତ ଡମ୍ବରୁଙ୍କ ପରିବାର ଲୋକଙ୍କୁ ଫେରାଇଥିଲେ। ଆମ୍ବୁଲାନସ୍